ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
ଢେଙ୍କାନାଳ
e-mail : dkl.dipro@gmail.com
Tel. No. - (06762) 224414

ପତ୍ର ସଂଖ୍ୟା ---52------/ସୂ.ଲୋ.ସଂ ତା.-୨୬/୦୧/୨୦୨୧--

# ଢେଙ୍କାନାଳ ଜିଲ୍ଲା ସଦର ମହକୁମାରେ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ ।

ଢେଙ୍କାନାଳ, ତା. ୨୬.୦୧.୨୦୨୧

ଆଜି ଢେଙ୍କାନାଳ ଜିଲ୍ଲା ସଦର ମହକୁମା ଷ୍ଟାଡିୟମ୍‌ଠାରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀଯୁକ୍ତ ଭୁମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବାହ୍ନ ଘ. ୮.୩୦ ମିନିଟ୍ ସମୟରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । ଏହି ଅବସରରେ ମୁଖ୍ୟ ଅତିଥି ସମସ୍ତଙ୍କୁ ଶୁଭେଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ଏହି ଅବସରରେ ମୁଖ୍ୟ ଅତିଥି ମହାପୁରୁଷମାନଙ୍କର ସ୍ମୃତି ଚାରଣ କରିବା ସହିତ ଢେଙ୍କାନାଳ ଜିଲ୍ଲାର ବରପୁତ୍ର ମାନଙ୍କର ଅବଦାନ ଅବିସ୍ମରଣୀୟ ବୋଲି ପ୍ରକାଶ କରିଛନ୍ତି । ଆମ ଜିଲ୍ଲା ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ କ୍ଷେତ୍ରେର ଅଗ୍ରଣୀ ଜିଲ୍ଲା ଭାବେ ପରିଚୟ ସୃଷ୍ଟି କରିପାରିଛି । ସ୍ୱାସ୍ଥ୍ୟ, ପରିମଳ,ପାନୀୟ ଜଳ ଯୋଗାଣ, କୃଷି, ଉଦ୍ୟାନ, ଖାଦ୍ୟ ସୁରକ୍ଷା ଆଦି ବିଭିନ୍ନ ଯୋଜନା ସଫଳତାର ସହିତ କାର୍ଯ୍ୟକାରୀ ହେଉଛି । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ଜିଲ୍ଲାର ୧୪ ହଜାର ପରିବାରର ୪୩ ହଜାର ହିତାଧିକାରୀଙ୍କୁ ଟଙ୍କିକିଆ ଚାଉଳ ଯୋଗାଇ ଦିଆଯାଇ ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରାଯାଇପାରିଛି । ସେହିପରି ବାଣିଶ୍ରୀ ଯୋଜନାରେ ଭିନ୍ନକ୍ଷମମାନଙ୍କୁ ବୃତ୍ତି, ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଲ୍ୟାପ୍‌ଟପ୍ ଯୋଗାଇ ଦିଆଯାଉଥିବା ବେଳେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବାପାଇଁ ଜିଲ୍ଲାର ମୋଟ୍-୨୨୩ଟି ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ କେତେକ ବେସରକାରୀ ବିଦ୍ୟାଳୟରେ ଜିଲ୍ଲା ପ୍ରଶାସନ ପାଣ୍ଠିରୁ ସ୍ମାର୍ଟକ୍ଲାସ୍ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି । କୃଷିର ଉନ୍ନତି ଓ ଉତ୍ପାଦନ ବୃଦ୍ଧି ନିମନ୍ତେ ଜିଲ୍ଲାର ୧୬୦ ଜଣ ଚାଷୀଙ୍କୁ ବଳରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଉଛି । ଆସନ୍ତା ୨୦୨୨ ମସିହା ସୁଦ୍ଧା ଜିଲ୍ଲାର ସମସ୍ତ କଚ୍ଚା ଘରକୁ ପକ୍କାଘରରେ ପରିଣତ କରାଯିବା ସହିତ ସମସ୍ତ ଘରକୁ ପାଇପ୍ ଦ୍ୱାରା ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଛନ୍ତି ।

ଜିଲ୍ଲାରେ ମନରେଗା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ନୀତି ଆୟୋଗ ଦ୍ୱାରା ପ୍ରଶଂସିତ ହେବାସହିତ ୩ କୋଟି ଟଙ୍କା ଆର୍ଥିକ ପ୍ରୋତ୍ସାହନ ପାଇଛି । ଜିଲ୍ଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ରୋଷେଇ ନିମନ୍ତେ ଜାଳେଣି ଗ୍ୟାସ୍ ବ୍ୟବସ୍ଥା କରାଯାଉଛି । ଜିଲ୍ଲାରେ ବିଭିନ୍ନ ଉନ୍ନୟନ ମୂଳକ ଓ ସୌନ୍ଦର୍ଯ୍ୟକରଣ ସ୍ୱରୂପ ୧ କୋଟି ଟଙ୍କା ବିନିଯୋଗ କରାଯାଇ ସ୍ମାର୍ଟପାର୍କ, ସ୍ମାର୍ଟ ଶ୍ମଶାନ କରାଯିବ । ସେହିପରି ସହରର ସୌନ୍ଦର୍ଯ୍ୟ କରଣ ନିମନ୍ତେ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟସସ୍ଥା, ବ୍ୟାଟେରୀ ଚାଳିତ ମଇଳା ବୁହା ଗାଡ଼ି ନିୟୋଜିତ ଥିବା ବେଳେ ପୌରାଞ୍ଚଳର ପ୍ରମୁଖ ୫ଟି ପୋଖରୀର ସୌନ୍ଦର୍ଯ୍ୟକରଣ ନିମନ୍ତେ ବ୍ୟବସ୍ଥା କରାଯାଉଛି । ସେହିପରି ଦକ୍ଷିଣକାଳୀ ରାସ୍ତା ଏବଂ ଜାତୀୟ ରାଜପଥରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ କରାଯିବା ପାଇଁ ବିହିତ ବ୍ୟବସ୍ଥା କରାଯାଉଛି । ଗତବର୍ଷ ଜିଲ୍ଲାରେ କରୋନା ମହାମାରୀକୁ ଜିଲ୍ଲାର ସମସ୍ତ ଜିଲ୍ଲା ଅଧିକାରୀ, ପୋଲିସ, ସ୍ୱାସ୍ଥ୍ୟ, ପୌର କର୍ମଚାରୀ, ତହସିଲ୍‌ଦାର, ବିଡିଓ, ଜିଲ୍ଲାର ସମସ୍ତ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଦମକଳ ବାହିନୀର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଜନସାଧାରଣ ଏବଂ ଗଣମାଧ୍ୟମର ପ୍ରତିନିଧି ଏହି ସମସ୍ତଙ୍କ ନିଷ୍ଠାପର ଉଦ୍ୟମ ଓ ସହଯୋଗରେ ନିୟନ୍ତ୍ରଣାଧୀନ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି । ଚଳିତ ୨୦୨୧ ବର୍ଷରେ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଦିଗରେ ଅଧିକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ଓ

(ପୃ.ଦ୍ର.ଦେ.)

ଜିଲ୍ଲାର ପ୍ରତିଭାବାନ୍ ବ୍ୟକ୍ତିମାନଙ୍କୁ ଲୋକଲୋଚନକୁ ଆଣିବାକୁ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଛନ୍ତି ।

ଏହି ଜାତୀୟ ଦିବସ ଅବସରରେ ପୋଲିସ୍ ବାହିନୀ ଓ ଓ.ଏସ୍.ଏ.ପି., ପ୍ରଥମ ବାଟାଲିୟନ୍ ଏବଂବ୍ୟାଣ୍ଡଦଳ ହର୍ଷଧ୍ୱନୀ ଦେଇ ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରିଥିଲେ, ଏହାକୁ ପୋଲିସ୍ ରିଜର୍ଭ ଇନ୍ସ୍‌ପେକ୍ଟର ଶ୍ରୀ କବି ରଞ୍ଜନ ସେଠୀ ପରିଚାଳନା କରିଥିଲେ । ଏହାପରେ ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ ସଚେତନଧର୍ମୀ ପ୍ରଜ୍ଞାପନ ମେଢ୍ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ମହାମାରୀ କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ବିଶେଷ ଭୂମିକା ଗ୍ରହଣ କରିଥିବା ଡ଼ାକ୍ତର, ନର୍ସ, ସେବିକା, ସଫେଇ କର୍ମଚାରୀ, ଆଶାକର୍ମୀ, ସୁରକ୍ଷାକର୍ମୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ସମ୍ମାନିତ କରିଥିଲେ । ପ୍ରକୃତିର ସୁରକ୍ଷା ନିମନ୍ତେ ନିଷ୍ଠାପର ଉଦ୍ୟମ ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ସୁନ୍ଦର ଫୁଲ ବଗିଚା ସୃଷ୍ଟିକରି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଥିବାରୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ ।

ପବିତ୍ର ଜାତୀୟ ଦିବସ ପାଳନ ଅବସରରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତ୍ୟୁଷରୁ ସହରରେ ଡାକବାଜି ଯନ୍ତ୍ର ଦ୍ୱାରା ରାମ୍‌ଧୂନ ସଂଙ୍ଗୀତ ଗାନ କରାଯାଇଥିଲା । ସକାଳେ ସହରସ୍ଥିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ମାଲ୍ୟାର୍ପଣ କରିଥିଲେ । ଜିଲ୍ଲା ବଣିକ ସଂଘ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡ୍‌ର ରୋଗୀମାନଙ୍କୁ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ଏବଂ ବଣିକ ସଂଘର ସଭାପତି, ସଂପାଦକ ଓ କର୍ମକର୍ତ୍ତା, ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଫଳବଣ୍ଟନ କରିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୋପବନ୍ଧୁ ଟାଉନ୍ ହଲ୍‌ଠାରେ ଜିଲ୍ଲା ପ୍ରଶାସନ ଓ ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି ରକ୍ତଦାନ ଶିବିରରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି ।

ଏହି ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ କେ. ଶିବା ସୁବ୍ରମଣି, ବନଖଣ୍ଡ ଅଧିକାରୀ ଶ୍ରୀ ପ୍ରକାଶ ଚାନ୍ଦ୍ ଜି., ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ବିନୟ କୁମାର କାମିଲା ଓ ଶ୍ରୀ ଗଣେଶ୍ୱର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶଶାଙ୍କ ଶେଖର ଦାଶ, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା, ଉପ-ଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀମତୀ ସୁଜାତା ରାଣୀ ମିଶ୍ର, ପୌର ନିର୍ବାହୀ ଅଧିକାରୀ ଶ୍ରୀ ଅତନୁ କୁମାର ସାମନ୍ତ ଓ ଏମ୍.ଇ. ଶ୍ରୀମତୀ ରଶ୍ମିତା ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପ୍ରଦୀପ୍ତ କୁମାର ମହାନ୍ତି, ସଂସ୍କୃତି ଅଧିକାରୀ ଶ୍ରୀ ଶୁକ୍ରୁ ସ୍ୱାଇଁ, ତହସିଲ୍‌ଦାର ଶ୍ରୀ ଲକ୍ଷ୍ମୀଧର ରାଉତ, ଜିଲ୍ଲା ସୂଚନା ଓ ଲୋକ ସଂମ୍ପର୍କ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ମିଶ୍ର, ଡେପୁଟୀ କଲେକ୍ଟର ଶ୍ରୀ ଶିତାଂଶୁ ଶେଖର ଦାଶ, ଜିଲ୍ଲା କାର୍ଯ୍ୟାଳୟର ଡେପୁଟୀ କଲେକ୍ଟର ଓ ଆସିଷ୍ଟାଣ୍ଟ୍ କଲେକ୍ଟର, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଶ୍ରୀହର୍ଷ ମିଶ୍ର ଓ ପୋଲିସ୍ ଆରକ୍ଷୀ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲା ଓକିଲ ସଂଘ,ରୋଟାରୀ କ୍ଲବ୍, ଲାୟନ୍‌ସ କ୍ଲବ୍‌ର ସଦସ୍ୟ  ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ସାଧାରଣତନ୍ତ୍ର ଦିବସର କାର୍ଯ୍ୟକ୍ରମକୁ ଶ୍ରୀ ଅବନୀ କୁମାର ମିଶ୍ର ସଂଯୋଜନା କରିଥିଲେ ।

--------------

ଏହାର ନକଲ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,

ଢେଙ୍କାନାଳ